## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ଶିବ-ପାର୍ବତୀ ବିବାହ ଉତ୍ସବ

ବ୍ରହ୍ମପୁର ଅଫିସ,୭।୬: ଦେବ ଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ପାଇଁ ରେଶମ ସହର ବ୍ରହ୍ମପୁର ଉତ୍ସବମୁଖର ସହ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବ୍ରହ୍ମପୁର-ଚିକିଟି ରାସ୍ତାର କଙ୍କିଆ ଟାମଣା ନିକଟ ଘଟକେଶ୍ୱର ଶୈବପୀଠରେ ଦେବ ଦମ୍ପତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ରବି ସାହୁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଗୋଳନ୍ଥରାର ଅଷ୍ଟଶମ୍ଭୁ ମହାଦେବ ଈଶାଣେଶ୍ୱର, ଲୋଚାପଡ଼ାସ୍ଥ ଗଙ୍ଗାଧରେଶ୍ୱର (ପାଣି ମହାପ୍ରଭୁ)ଙ୍କ ବିବାହ ଉତ୍ସବ ପୌରାଣିକ ବିଧିବିଧାନ ପ୍ରକାରେ ଶୁକ୍ରବାର ହୋଇଥିଲା । ବ୍ରହ୍ମପୁରରେ ଶ୍ରୀ ନୀଳକଣ୍ଠେଶ୍ୱର, ଚନ୍ଦ୍ରଶେଖର, କପିଳେଶ୍ୱର, ଗୋକର୍ଣ୍ଣେଶ୍ୱର, ମୁକ୍ତେଶ୍ୱର, ବାଲୁଙ୍କେଶ୍ୱର, ଗୋସାଣୀନୂଆଗାଁର ଉତ୍ତରେଶ୍ୱର,କମାପଲ୍ଲୀର ବୈଦ୍ୟନାଥେଶ୍ୱର, ହଳଦିଆପଦରସ୍ଥ ଷଣ୍ଡେଶ୍ୱର ପୀଠରେ ମଧ ମହା ଆଡ଼ମ୍ବରରେ ବିବାହ ଉତ୍ସବ ପାଳିତ ହୋଇଯାଇଛି। ଅପରପକ୍ଷରେ ଶିଳ୍ପାଞ୍ଚଳର ସକଳେଶ୍ୱର, ଆଙ୍କୁଲିର ପଶ୍ଚିମେଶ୍ୱର ଓ ଶ୍ମଶାନେଶ୍ୱର, ଜାତୀୟ ରାଜପଥ ନିକଟ କାଳେଶ୍ୱର, ଲାଞ୍ଜିପଲ୍ଲୀର ମାର୍କଣ୍ଡେଶ୍ୱର ସମେତ ଅନ୍ୟ ଶୈବ ପୀଠରେ ମଧ ପାର୍ବତୀଙ୍କ ସହିତ ମହାଦେବଙ୍କ ରୀତିନୀତି ଅନୁସାରେ ବିବାହ ହୋଇଥିଲା ।

ଗତ ଗୁରୁବାର କନ୍ୟାପିତାମାନଙ୍କ ଘରକୁ ବରାନୁଗମନ ଶୋଭାଯାତ୍ରା ବାହାରିଥିଲା। ସବୁଠି ବାଦ୍ୟ ବାଜଣାରେ କମ୍ପିଥିଲା। ଶୁକ୍ରବାର ବିବାହ ବେଦୀରେ ଭକ୍ତମାନେ ଦେବ ଦମ୍ପତିଙ୍କୁ ବନ୍ଧାଣ ଦେଇଥିଲେ । ଭୋଜିଭାତର ଆୟୋଜନ କରାଯାଇଥିଲା। ପ୍ରସାଦ ସେବନରେ ମହିଳା ଓ ପୁରୁଷମାନେ ଯୋଗ ଦେଇଥିଲେ । ଶନିବାର ଶୀତଳଷଷ୍ଠୀରେ ଦେବ ଦମ୍ପତିଙ୍କୁ ନଗର ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଛି ।

### ମା' ବୈଷ୍ଣବୀ ଚଣ୍ଡୀଙ୍କ ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୭।୬: ଖୋଡ଼ାସିଙ୍ଗିସ୍ଥିତ ମା' ବୈଷ୍ଣବୀ ଚଣ୍ଡୀଙ୍କ ୧୬ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳୁଙ୍କ ମା'ଙ୍କ ରୀତିନୀତି ସହ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମନ୍ଦିରରେ ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । କାମ ପ୍ରସାଦ ସେଠୀ, ଶ୍ରୀନିବାସ ସେଠୀ, ଅଶୋକ ସେଠୀ, ଫୁଲ୍ଲ ସେଠୀ, ବିଶ କେତନ ଜେନା, ନିଲୁ ମହାଙ୍କୁଡ଼, ଗଣେଶ ମହାରଣା, ବାବୁ ଗୌଡ଼ ଓ ମାର୍କଣ୍ଡ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମସ୍ତ ଅଞ୍ଚଳବାସୀ ଏଥିରେ ସହଯୋଗ କରିଥିଲେ ।

■ଖୁବ୍‌ଶୀଘ୍ର ସୁଧୁରିବ ରେଶମ ସହରର ଟ୍ରାଫିକ ସମସ୍ୟା

# ବିଏମ୍‌ସି ପକ୍ଷରୁ ଆଇଟିଏମ୍‌ଏସ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ

ବ୍ରହ୍ମପୁର ଅଫିସ,୭।୬

ବ୍ରହ୍ମପୁରରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବାକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଟିଏମ୍‌ଏସ୍) ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଜୁନ ଶେଷ ସୁଦ୍ଧା ପୂର୍ବ ନିର୍ଦ୍ଧାରିତ ପ୍ରସ୍ତାବ ଅନୁସାରେ ସହରର ୫ ଜନଗହଳିପୂର୍ଣ୍ଣ ଛକରେ ସିଭିଲ, କେବୁଲ ଓ ଅଣ୍ଡର ୱାଇରିଂ କାର୍ଯ୍ୟ ସରିବ । ଜୁଲାଇରୁ ସମସ୍ତ ଛକରେ ଇଣ୍ଟିଗ୍ରେଟେଡ କ୍ୟାମେରା ଲଗାଯିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

ବ୍ରହ୍ମପୁର ସହରର ଜନସଂଖ୍ୟା ବଢ଼ିବା ସାଙ୍ଗକୁ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡୁଛି । ଏଥିସହ ଟ୍ରାଫିକ ବ୍ୟବସ୍ଥା ମଧ୍ୟ ବେହାଲ ହୋଇଛି। ବ୍ୟବସ୍ଥାରେ ସୁଧାର ଆଣିବା ଓ ବେପାରୁଆ ଗାଡ଼ିଚାଳନା କରୁଥିବା ବ୍ୟକ୍ତିଙ୍କ ଉପରେ ଅଙ୍କୁଶ ଲଗାଇବାକୁ ବିଏମ୍‌ସି ପକ୍ଷରୁ ନୂତନ ଟ୍ରାଫିକ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବାକୁ ଅଣ୍ଟାଭିଡିଛି। ପୋଲିସ ପ୍ରଶାସନ, ଗଞ୍ଜାମ ଜିଲା ଆରଟିଓ ଅଫିସର ସହଯୋଗରେ ସହରର ପ୍ରମୁଖ ୫ ଟି ଛକରେ ବିଏମ୍‌ସି ପକ୍ଷରୁ କାର୍ଯ୍ୟକ୍ଷମ ହେବାକୁ ଯାଉଛି ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଟିଏମ୍‌ଏସ୍)। ଏନେଇ ଫେବୃୟାରୀ ୬ରେ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ହୋଇଥିବା ବେଳେ ଏହାର ନିର୍ମାଣ ଦାୟିତ୍ୱ ଭୁବନେଶ୍ୱରର ଭିଏଲଏସ୍‌ଏସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ କମ୍ପାନୀକୁ ଦିଆଯାଇଛି। ଫେବୃୟାରୀ ୨୫ରେ ଏହାର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି ।

ତେବେ ବିଏମ୍‌ସି ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ମେ ମାସ ସୁଦ୍ଧା ବିଏମ୍‌ସି ପକ୍ଷରୁ ଏହି ସିଷ୍ଟମ ପାଇଁ ସ୍ୱତନ୍ତ୍ର ଆପ୍ଲିକେଶନ ସଫ୍ଟୱେର ଡେଭଲପ କରାଯାଇଛି। ଏଥିସହ ଆରଟିଓ କାର୍ଯ୍ୟାଳୟର ଇ-ବାହନ ଆପ ସହ ମଧ୍ୟ ଏହାକୁ ସଂଲଗ୍ନ କରାଯିବା କାର୍ଯ୍ୟ ଶେଷ ହୋଇଛି । ବିଏମ୍‌ସି କାର୍ଯ୍ୟଳୟ ପରିସରରେ କମାଣ୍ଡାଣ୍ଟ କଣ୍ଟ୍ରୋଲ ସେଣ୍ଟର କାର୍ଯ୍ୟ ମଧ ୮୦ ପ୍ରତିଶତ ଶେଷ ହୋଇଛି । ମେ ଶେଷ ସପ୍ତାହରୁ ପ୍ରମୁଖ କୋର୍ଟପେଟା, କମାପଲ୍ଲୀ ଛକରେ କେବୁଲ ଓ ଅଣ୍ଡର ୱାଇରିଂ କାର୍ଯ୍ୟ ଶେଷ ହୋଇଛି ।


କମାପଲ୍ଲୀ ଟ୍ରାଫିକ ଛକ ।

■ଜୁନ ଶେଷ ସୁଦ୍ଧା ସରିବ ସିଭିଲ କାମ
■ଜୁଲାଇରୁ ୫ ଛକରେ ଲାଗିବ ଇଣ୍ଟିଗ୍ରେଟେଡ କ୍ୟାମେରା
■ଅଗଷ୍ଟ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ସମ୍ଭାବନା

ଜୁନ ସୁଦ୍ଧା ଉକ୍ତ ଦୁଇ ଛକ ସମେତ ଟାଟାବେଞ୍ଜ, ପିଭିଏନ୍ ରାଓ, ଗେଟବଜାର ଛକରେ କେବୁଲ, ଅଣ୍ଡର ୱାଇରିଂ ଓ ସିଭିଲ ୱାର୍କ ଶେଷ ହେବ । ଜୁଲାଇରୁ ସମସ୍ତ ଛକରେ ଇଣ୍ଟିଗ୍ରେଟେଡ କ୍ୟାମେରା ଖଞ୍ଜା ଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ସହରର ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଆଇଟିଏମ୍‌ଏସ୍ ସିଷ୍ଟମରେ ସହରର ଜନଗହଳିପୂର୍ଣ୍ଣ ଛକ ଟାଟାବେଞ୍ଜ, ପିଭିଏନ ରାଓ ପେଟ୍ରୋଲ ପମ୍ପ, କମାପଲ୍ଲୀ, ଗେଟବଜାର, କୋର୍ଟପେଟାରେ ସ୍ୱୟଂଚାଳିତ ଟ୍ରାଫିକ ଲାଇଟ ସହ ଇଣ୍ଟିଗ୍ରେଟେଡ କ୍ୟାମେରା ଲାଗିବ । ୭ କୋଟି ଟଙ୍କା ବିନିମୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ ସମସ୍ତ ଛକରେ କଳା ଓ ରଙ୍ଗିନ ଫଟୋ ଉତ୍ତୋଳନ କରିପାରୁଥିବା ଦୁଇପ୍ରକାର କ୍ୟାମେରା ଲଗାଯିବ । ଏହି କ୍ୟାମେରା ଜେବ୍ରା କ୍ରସିଂ ଦେଇ ଯାତାୟାତ କରୁଥିବା ବାଇକ୍ ଚାଳକଙ୍କ ସ୍ପିଡ ଡିଟେକ୍ଟ କରିବା ସହ ତା'ର ନମ୍ବର ପ୍ଲେଟ ଫଟୋ ଉତ୍ତୋଳନ କରିବ । ଏହି କ୍ୟାମେରା ଦ୍ୱୟ ନାଇଟ ଭିଜନ ହୋଇଥିବାରୁ ରାତିରେ ମଧ ଏହା ଚାଳକଙ୍କ ବେଗ ରେକର୍ଡ କରିବା ସହ ଫଟୋ ଉତ୍ତୋଳନ କରିବ । ବିଏମ୍‌ସି କାର୍ଯ୍ୟାଳୟରେ ଏହାର ମୁଖ୍ୟ କଣ୍ଟ୍ରୋଲ ରୁମ ରହିବା ସହ ଆରଟିଓ ଓ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଧ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ରହିବ । ଏହି ବ୍ୟବସ୍ଥାରେ ରଙ୍ଗସାଇଡ୍ , ଟ୍ରାଫିକ ନିୟମକୁ ଅବମାନନା କରୁଥିବା ବ୍ୟକ୍ତିଙ୍କ ଗାଡି ନମ୍ବର ପ୍ଲେଟ ସଙ୍ଗେ ସଙ୍ଗେ କ୍ୟାମେରାରେ ଉତ୍ତୋଳିତ ହୋଇ ଆରଟିଓ ଓ ବିଏମ୍‌ସି କଣ୍ଟ୍ରୋଲ ରୁମରେ ପହଞ୍ଚିବା ପରେ ଆରଟିଓ ଅଫିସରୁ ଉକ୍ତ ବ୍ୟକ୍ତିଙ୍କୁ ଜରିମାନା ନୋଟିସ ପ୍ରେରଣ କରାଯିବାର ବ୍ୟବସ୍ଥା ରହିଛି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର ଅଫିସ,୭।୬

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ପୋଲସରା ଥାନା ସୋଡକ ପଞ୍ଚାୟତ ମଦରଙ୍ଗାପଲ୍ଲୀ ଗ୍ରାମର ଗନ୍ଧର୍ବ ନାହାକ। ସୂଚନାଯୋଗ୍ୟ, ଗନ୍ଧର୍ବ କୌଣସି କାମରେ ପୋଲସରା ଆସିଥିଲେ। ଫେରିବା ବାଟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା କେତେକ ଯୁବକ ତାଙ୍କୁ ବେଲଗାଁ କେନାଲ ନିକଟରେ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗନ୍ଧର୍ବଙ୍କ ଗୋଡ ହାତ ଭାଙ୍ଗିଥିବା ଡାକ୍ତର ସୂଚନା ଦେଇଥିଲେ। ଗନ୍ଧର୍ବଙ୍କ ବାପା ଦେବରାଜ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ କରିବା ସହ ପୋଲିସକୁ ଜଣାଇଥିଲେ। ଗନ୍ଧର୍ବଙ୍କୁ ପୋଲସରା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି।

## ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ।

ଦିଗପହଣ୍ଡି,୭।୬(ଡି.ଏନ.ଏ.)

ଶୁକ୍ରବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ମିଶନ ମାଧ୍ୟମରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହାୟତାରେ ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଛତ୍ରପୁର ପରିମଳ ବିଶେଷଜ୍ଞ ଝଲକ ଦାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିକାରୀ ରାକେଶ ନାୟକ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ଲୋକମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଆଲୋଚନା କରିବା ସହ ସଚେତନ କରାଇଥିଲେ। ଏନ୍‌ଏସିର ୧୧ ୱାର୍ଡ ବାସିନ୍ଦାଙ୍କ ପକ୍ଷରୁ ଯୋଗାଣ ହୋଇଥିବା ନୀଳ ଓ ସବୁଜ ଡଷ୍ଟବିନ ପୃଥକ୍ ପୃଥକ୍ ଭାବେ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଉକ୍ତ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ସବୁକୁ ଏନ୍‌ଏସିର ଅଳିଆ ବୋଝେଇ ଗାଡି ସାହି ସାହି ପରିକ୍ରମା କରି ସଂଗ୍ରହ କରି ସେସବୁକୁ ଡମ୍ପିଂୟାର୍ଡରେ ପକାଇ ନଷ୍ଟ କରିବ ବୋଲି କୁହାଯାଇଥିଲା। ନିୟମିତ ଡଷ୍ଟବିନ ସବୁ ବ୍ୟବହାର କରି ନିଜ ଅଞ୍ଚଳ ଏବଂ ଚତୁଃପାର୍ଶ୍ୱକୁ ସୁସ୍ଥ ଓ ପରିଷ୍କାର ରଖିବା ସହିତ ନିରାପଦ ଜୀବନ ବିତାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଏନ୍‌ଏସି କର୍ମଚାରି ପ୍ରଭାକର ମେକାପ, ଭାରତୀ ପାଢୀ, ସ୍ନେହଲତା ମିଶ୍ର, ପବିତ୍ରା ପ୍ରଧାନ, ସନ୍ତୋଷ ମହାନ୍ତି, ସନ୍ତୋଷ ପାଢୀ, ମମତା ପଣ୍ଡା, ଦୁର୍ଗା ମାଧବ ପ୍ରଧାନ, ବିଜୁ ଯୁବ ବାହିନୀ ସଭାପତି ନୀଳାଚଳ ରଥ, ସଂଯୋଜକ ସନ୍ତୋଷ କୁମାର ବାଡ଼ତ୍ୟା, ମନ୍ମଥ ପାଣିଗ୍ରାହୀ, ଦୁର୍ଗା ମାଧବ ସାହୁ, ରାଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ସମସ୍ତ ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ, ସଫେଇ କର୍ମଚାରୀମାନେ ଓ ବହୁ ସଂଖ୍ୟକ ସହର ବାସିନ୍ଦା ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ୨୧୬ ଜଣ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

## ଶୀତଳଷଷ୍ଠୀ ଯାତ୍ରା: ସରିଲା ଦେବଦମ୍ପତିଙ୍କ ବିବାହ

ଦିଗପହଣ୍ଡି,୭।୬(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଶ୍ରୀଚନ୍ଦ୍ରଚୁଡ଼େଶ୍ୱର ଶୈବପୀଠରେ ପବିତ୍ର ଶୀତଳଷଷ୍ଠୀ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଦେବ ଦମ୍ପତି ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ଶୈବପୀଠ ପରିସରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ୧୦ନଂ. ୱାର୍ଡ ରାଣୀସାହିସ୍ଥିତ ବରପକ୍ଷ ସୁଧୀର ପଣ୍ଡାଙ୍କ ବାସଭବନରେ ପହଞ୍ଚିଥିଲା। ସେଠାରେ ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ କନ୍ୟାପକ୍ଷ ବିଜୟ ଅଧିକାରୀ ବିବାହ କାର୍ଯ୍ୟ ନିମନ୍ତେ ମନ୍ଦିର ବେଢ଼ାକୁ ନିମନ୍ତ୍ରଣ କରିଥିଲେ। ଦେବୀ ପାର୍ବତୀଙ୍କ ସମ୍ପର୍କରେ ଜିଜ୍ଞାସା କରାଯିବାରୁ ଭୋଳାବାବାଙ୍କ ସମ୍ପର୍କରେ ମହାଦେବଙ୍କ ଗୁଣଗାନ କରାଯାଇ ବରପକ୍ଷଙ୍କୁ ଅବଗତ କରାଯାଇଥିଲା। ଶେଷରେ କନ୍ୟାପକ୍ଷ ଏଥିରେ ସହମତି ପ୍ରକାଶ କରିଥିଲେ। ବିଳମ୍ବିତ ସନ୍ଧ୍ୟାରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଶନିବାର ସନ୍ଧ୍ୟାରେ ପାର୍ଶ୍ୱ ଦେବାଦେବୀଙ୍କ ସହ ଶିବ-ପାର୍ବତୀ ପାରମ୍ପରିକ ଶୋଭାଯାତ୍ରାରେ ସହର ପରିକ୍ରମା କାର୍ଯ୍ୟକ୍ରମ ରହିଛି। ପବିତ୍ର ଶୀତଳଷଷ୍ଠୀ ଅବସରରେ ସହରର ଶ୍ରୀ ଗୁପ୍ତେଶ୍ୱର, ଶ୍ରୀ ନୀଳକଣ୍ଠେଶ୍ୱର, ଶ୍ରୀ ଭାବକୁଣ୍ଡଳେଶ୍ୱର, ଶ୍ରୀ ମୁକ୍ତେଶ୍ୱର, ଶ୍ରୀ ପାତାଳେଶ୍ୱର ପ୍ରଭୃତି ଶୈବପୀଠ ରଙ୍ଗୀନ ଆଲୋକମାଳାରେ ଝଲସି ଉଠିଛି।

## ବାସ୍କେଟ ବଲ , କବାଡ଼ି ପ୍ରଶିକ୍ଷଣ ନେଲେ ୧୧୦ ଛାତ୍ରୀଛାତ୍ର

ବ୍ରହ୍ମପୁର ଅଫିସ, ୭।୬

**ଟାଲେଣ୍ଟ ହଣ୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ଶୋଭା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବ୍ରହ୍ମପୁର ସିଟିମହାବିଦ୍ୟାଳୟ ପରିସରରେ ଚାଲିଥିବା ବାସ୍କେଟ ବଲ ଓ କବାଡି ଟାଲେଣ୍ଟ ହଣ୍ଟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉତ୍ସବରେ ଫାଉଣ୍ଡେଶନର ମ୍ୟାନେଜମେଣ୍ଟ ଟ୍ରଷ୍ଟି ସୁଜତା ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସିଟି ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ସାବତ, ଗୋପାଳପୁର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଏସ୍. ରାମା ରାଓ, ଆର.ଏନ୍. ଗୁରା ଜୁନିୟରିଂ କଲେଜ ଅଧ୍ୟକ୍ଷ ବିଧୁଭୂଷଣ ନାୟକ, ଗୁରା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପିନାକୀ ମହାନ୍ତି, ଫାଉଣ୍ଡେଶନ ନିର୍ଦ୍ଦେଶକ ତୁଷାର କାନ୍ତି ପତି ଓ ଭି. ସର୍ବେଶ୍ୱର ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମେ ୨୧ରୁ ୧୮ ଦିନ ବ୍ୟାପୀ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍କୁଲ ଓ କଲେଜରୁ ୧୧୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ଓଡିଶା ମହାବିଦ୍ୟାଳୟ ପିଇଟି ଆସୋସିଏଶନର ୫ ଶିକ୍ଷକ ଶିବିରାର୍ଥୀଙ୍କୁ ବାସ୍କେଟବଲ ଓ କବାଡି ପ୍ରଶିକ୍ଷଣ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବ ଅବସରରେ ଶିବିରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଷ୍ଟ ପକ୍ଷରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ସିଟି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ ।


ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ଈଶାଣେଶ୍ୱର ପାଠାଗାରକୁ ପ୍ରକୃତି ମିତ୍ର ପୁରସ୍କାର

ବ୍ରହ୍ମପୁର ଅଫିସ,୭।୬

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆଡ଼ପଡ଼ା ଗ୍ରାମର ଈଶାଣେଶ୍ୱର ପାଠାଗାରକୁ ଚଳିତ ବର୍ଷର ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କଠାରୁ ସଭାପତି ବନମାଳୀ ପ୍ରଧାନ ମାନପତ୍ର ଏବଂ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅନୁଷ୍ଠାନ ଦୀର୍ଘ ଅଣତିରିଶି ବର୍ଷ ହେଲା ଚାରାରୋପଣ, ପରିମଳ, ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଆସୁଛି ।



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସଭାପତି ବନମାଳୀ ପ୍ରଧାନ ।

■ଚଢ଼ାଉ ବେଳେ ପଦାକୁ ଆସିଲା ନର୍ସିଂହୋମ୍ ଅବ୍ୟବସ୍ଥା

# ତାଗିଦ କରି ଛାଡ଼ିଲା ପ୍ରଶାସନ

ବ୍ରହ୍ମପୁର ଅଫିସ,୭।୬

ବ୍ରହ୍ମପୁର ସହରରେ ହୁ ହୁ ହୋଇ ବଢୁଛି ଘରୋଇ ନର୍ସିଂହୋମ୍। ସହରର ଗଳି କନ୍ଦି, ସବୁଆଡ଼େ ଏବେ ନର୍ସିଂହୋମ୍ ଦେଖିବାକୁ ମିଳୁଛି । ଏସବୁରେ ବେପାରକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁନି। ନିଆଁ ଲାଗିଲେ ମୁକାବିଲା ପାଇଁ ବ୍ୟବସ୍ଥା ନାହିଁ। ପଞ୍ଜୀକରଣ ଦୀର୍ଘ ମାସ ହେଲା ସରି ଯାଇଥିଲେ ମଧ୍ୟ ନବୀକରଣ କରାଯାଇନାହିଁ। ଏଭଳି ଅନେକ ଅବ୍ୟବସ୍ଥା ଶୁକ୍ରବାର ପଦାକୁ ଆସିଛି । ଜିଲା ପ୍ରଶାସନର ଏକ ମିଳିତ ଟିମ୍ ସହରର କେତେକ ନର୍ସିଂହୋମ୍‌ରେ ଚଢ଼ାଉ କରିବା ବେଳେ ଅବ୍ୟବସ୍ଥା ଥିବା ସୂଚନା ମିଳିଛି । ତେବେ ରୋଗୀଙ୍କ ଜୀବନ ସହ ଖେଳୁଥିବା ଏହି ନର୍ସିଂହୋମ୍‌ଗୁଡ଼ିକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। କେବଳ ତାଗିଦ୍ କରି ଛାଡ଼ି ଦିଆଯାଇଛି । ଫଳରେ ପ୍ରଶାସନର ଚଢ଼ାଉକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଘରୋଇ ନର୍ସିଂହୋମ୍ ପ୍ରତି ପ୍ରଶାସନର ଏଭଳି ଦରଦକୁ ନେଇ ସାଧାରଣରେ ସମାଲୋଚନା କରାଯାଉଛି । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଥା ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ବ୍ରହ୍ମପୁର ତହସିଲଦାର୍ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଦୟାମୟ ପାଢୀ, ଡ୍ରଗ୍ ଇନ୍ସପେକ୍ଟର ଦେବାଶିଷ କାଲେ, ଜିଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କିରାଣି ଅଶୋକ କୁମାର ପାଢୀ ପ୍ରମୁଖ ବିଭିନ୍ନ ନର୍ସିଂହୋମ୍‌ରେ ଚଢ଼ାଉ କରିଥିଲେ । ନୂଆ ବସ୍‌ଷ୍ଟାଣ୍ଡରେ ଥିବା ସାଇସୁଧା ନର୍ସିଂହୋମ୍ ଏବଂ ଅସ୍ଥା ହସ୍‌ପିଟାଲ୍‌ରେ ଚଢ଼ାଉ କରାଯାଇଥିଲା ।

ସେହିଭଳି ଅନ୍ୟ ଏକ ଟିମ୍ ଜିଲା ଚିକିତ୍ସାଧିକାରୀ(ଭେଷଜ) ପି.କୁର୍ମୟାଙ୍କ ନେତୃତ୍ୱରେ ସହକାରୀ ଜିଲାପାଳ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ବିନୋଦ କୁମାର ବେହେରା ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି କାଳୁ ପ୍ରଧାନ। ଏହି ଟିମ୍ ନୂଆବସ୍‌ଷ୍ଟାଣ୍ଡ ଥିବା ସାହାରା ସେବା ସଦନ ଓ ଯଶୋଦା ନର୍ସିଂହୋମ୍‌ରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସରକାରଙ୍କ ନିର୍ଦ୍ଧାରିତ ଗାଇଡ୍ ଲାଇନ୍ ପ୍ରକାରେ ଠିକ୍ ଭାବରେ ନର୍ସିଂହୋମ୍ ପରିଚାଳନା ହେଉ ନ ଥିବା ଜଣାପଡ଼ିଥିଲା। ସେହିଭଳି କ୍ଲିନିକାଲ୍ ରେଜିଷ୍ଟ୍ରେଶନ୍ ପଞ୍ଜୀକରଣ କିମ୍ବା ନବୀକରଣ ମଧ୍ୟ ନାହିଁ। ବର୍ଷ ବର୍ଷ ହେଲା ନବୀକରଣ କରାଯାଇ ନ ଥିବା ଦୃଷ୍ଟିକୁ ଆସିଥିଲା। ଏଥିସହ ଅଗ୍ନି ନିର୍ବାପକ ବ୍ୟବସ୍ଥା ମଧ୍ୟ ନାହିଁ। ଯନ୍ତ୍ର ମଧ୍ୟ ଲଗାଯାଇନାହିଁ। ଏଥି ସହ ବର୍ଜ୍ୟବସ୍ତୁ ପରିଚାଳନା, ବିଦ୍ୟୁତ୍ ନିରାପତ୍ତା ବ୍ୟବସ୍ଥା ନାହିଁ। କର୍ମଚାରୀମାନଙ୍କ ଡ୍ରେସ୍ କୋଡ୍ ଓ ପରିଚୟପତ୍ର ନ ଥିଲା। ତେବେ ଯେଉଁମାନେ ସରକାରୀ ନିୟମକୁ ଖିଲାପ୍ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ କେବଳ ତାଗିଦ କରି ଛାଡ଼ିଦିଆ ଯାଇଥିଲା। ଆଗାମୀ ଦିନରେ ଗାଇଡ୍ ଲାଇନ୍ ପାଳନ କରା ନ ଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେବଳ ତାଗିଦ କରାଯାଇଛି ।

ସହକାରୀ ଜିଲାପାଳ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ବିନୋଦ କୁମାର ବେହେରା କହିଛନ୍ତି, ଚଢ଼ାଉ କରାଯାଇଥିଲା। ଆବଶ୍ୟକ ଗାଇଡ୍ ଲାଇନ୍ ପୂରଣ କରିବାକୁ ତାଗିଦ କରାଯାଇଛି। ସମସ୍ତ ପ୍ରକାର ସରକାରୀ ଅନୁମତି ନେବାକୁ କୁହାଯାଇଛି। ଜିଲାପାଳଙ୍କ ନିକଟରେ ଆବେଦନ ପାଇଁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି ।



ଏକ ନର୍ସିଂହୋମ୍ ଉପରେ ପ୍ରଶାସନର ଚଢ଼ାଉ ଚାଲିଛି ।

■ନାହିଁ ନିଆଁ ମୁକାବିଲା ବ୍ୟବସ୍ଥା
■ବିନା ପଞ୍ଜୀକରଣରେ ଚାଲିଛି
■ରୋଗୀ ସେବା ବିପର୍ଯ୍ୟସ୍ତ

## ସଂକ୍ଷେପରେ

### ଆହତ ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୭।୬: ଅଟୋ ଧକ୍କାରେ ଗୁରୁତର ଥିବା ଜଣେ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ଦିଗପହଣ୍ଡି ଥାନା ପଦ୍ମନାଭପୁର ଗ୍ରାମର ଆନନ୍ଦ ମହାନ୍ତି (୭୦)। ମୃତଦେହ ଜବତ କରି ମେଡିକାଲ ଫାଣ୍ଡି ପୋଲିସ ନଂ.୨୯୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।
ପ୍ରକାଶ ଯେ, ଗତ ୨୫ ତାରିଖ ସନ୍ଧ୍ୟାରେ ଆନନ୍ଦ ପୋଖରୀରେ ଗାଧୋଇ ସାରି ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡରେ ତାଙ୍କ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ । ଆନନ୍ଦଙ୍କୁ ପ୍ରଥମେ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା ।

### ଗୋପାଳ ସମାଜ ବୈଠକ

ଭଞ୍ଜନଗର,୭।୬(ଡି.ଏନ.ଏ.): ଘୁମୁସର ତାଲୁକା ଷୋହଳଖଣ୍ଡ ଗୋପାଳ ସମାଜ ଅଧିନସ୍ଥ ଅଣଗିରି ମୁଠାର ଏକ ବୈଠକ ଶୁକ୍ରବାର ଡୁଡୁଆ ବାଙ୍କେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ବିଭିନ୍ନ ସମସ୍ୟା ଓ ନିରାକରଣ ଏବଂ ସାଙ୍ଗଠନିକ ଉପରେ ଆଲୋଚନା ହୋଇଥିଲା। ତାଲୁକା ସଭାପତି କୃଷ୍ଣଚନ୍ଦ୍ର ଗୌଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଶିବଶଙ୍କର ପ୍ରଧାନ ଉତ୍ସବରେ ଅଧକ୍ଷତା କରିଥିଲେ। ଉପ ସଭାପତି ହାଡୁ ଗୌଡ, ସମ୍ପାଦକ କୈଳାସ ଚନ୍ଦ୍ର ଗୌଡ, ସହ ସମ୍ପାଦକ ବିପ୍ରଚରଣ ଗୌଡ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ଶରତ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

### ରଥଯାତ୍ରା ପରିଚାଳନା ପ୍ରସ୍ତୁତି ବୈଠକ

ବୁଗୁଡ଼ା,୭।୬(ଡି.ଏନ.ଏ.):ବୁଗୁଡ଼ା ରଥଯାତ୍ରା ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବଳଦେବ ସ୍ୱାମୀ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ସଂଗ୍ରାମ କେଶରୀ ଜେନା ଅଧକ୍ଷତା କରିଥିଲେ। ବୈଠକରେ ଗତ ରଥଯାତ୍ରାର ଆୟବ୍ୟୟର ସମୀକ୍ଷା କରାଯିବା ସହ ଆସନ୍ତା ରଥଯାତ୍ରା କିପରି ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହେବ ତାହା ଆଲୋଚନା ହୋଇଥିଲା। ଏଥିସହ ରଥ ନିର୍ମାଣ ପାଇଁ କାଠ, ପାଣ୍ଠି ସଂଗ୍ରହ ଆଲୋଚନା ହୋଇଥିଲା। ବୈଠକରେ ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, ପୋଲିସ ଏସଆଇ କାର୍ତ୍ତିକ ନାୟକ, ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ଦୀନବନ୍ଧୁ ପାଣି, ରମେଶ ଚନ୍ଦ୍ର ପାଣି, ନିତ୍ୟାନନ୍ଦ ପାତ୍ର, ପ୍ରଦ୍ୟୁମ୍ନ କୁମାର ପାତ୍ର, ଅଶୋକ ପାଢ଼ୀ, ହରି ପଣ୍ଡା, ଦୁଃଖୀ ପାଢ଼ି, ରଘୁନାଥ ସାହୁ, ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ପରେ ତହସିଲଦାର, ପୋଲିସ ଓ ପରିଚାଳନା କମିଟି ସଭ୍ୟଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲା ଯାଇଥିଲା। ସେଥିରୁ ୬୫ ହଜାର ଟଙ୍କା ମିଳିଛି ।

## ଅପରାଧ ସମୀକ୍ଷା କଲେ ଏସ୍‌ପି

# ସବୁ ମାମଲା ଶୀଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୭।୬

- ପେସାଦାର ଅପରାଧୀଙ୍କ ଉପରେ ନଜର ରଖ
- ଜିରୋ ଟଲରାନ୍ସକୁ ଗୁରୁତ୍ୱ

ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନାଧିକାରୀଙ୍କୁ ନେଇ ଶୁକ୍ରବାର ଅପରାଧ ସମୀକ୍ଷା କରିଛନ୍ତି ଏସ୍‌ପି ପିନାକ ମିଶ୍ର । ଜିଲା ପୋଲିସ କାର୍ଯ୍ୟାଳୟର ସିସିଟିଏନ୍‌ଏସ୍ ସମ୍ମିଳନୀ କକ୍ଷରେ ଏସ୍‌ପି ମିଶ୍ରଙ୍କ ଅଧକ୍ଷତାରେ ଶୁକ୍ରବାର ଅପରାଧ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରତି ଥାନାରେ ପଡ଼ି ରହିଥିବା ମାମଲାଗୁଡ଼ିକ ଯଥାଶୀଘ୍ର ତଦନ୍ତ କରିବାକୁ ସେ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ଶେଷ ହେବାକୁ ଆଉ କିଛି ମାସ ବାକି ରହିଛି । ପୁରୁଣା ମାମଲାର ତଦନ୍ତ ସାରିବା ସହ ସମସ୍ତ ମାମଲାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବାକୁ କୁହାଯାଇଛି । ଯଥାଶୀଘ୍ର ପୁରୁଣା ମାମଲାଗୁଡ଼ିକର ତଦନ୍ତ ସାରି ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଥାନାଧିକାରୀମାନଙ୍କୁ ଏସ୍‌ପି ମିଶ୍ର କହିଛନ୍ତି । ଥାନା ରେଜିଷ୍ଟାର ଅପଟୁଡେଟ୍ ରଖିବାକୁ ମଧ୍ୟ କୁହାଯାଇଛି। କେତେଜଣ ଅପରାଧୀଙ୍କ ନାଁରେ ୱାରେଣ୍ଟ ରହିଛି ତାର ତାଲିକା ପ୍ରସ୍ତୁତ କରିବା ସହ ପ୍ରତି ମାସରେ କେତେଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ସେନେଇ ମଧ୍ୟ ତାଲିକା ପ୍ରସ୍ତୁତ କରିବାକୁ ସେ କହିଛନ୍ତି । ଥାନା ରେଜିଷ୍ଟାର ଅପଟୁଡେଟ୍ ରଖିବାକୁ ଏସ୍‌ପି ମିଶ୍ର କହିଛନ୍ତି । ସାଧାରଣ ଜନତା ଓ ମହିଳାଙ୍କୁ ସୁରକ୍ଷା ଦେବା ସହ ଅପରାଧୀଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ସେ କହିଛନ୍ତି । ଅଧିକରୁ ଅଧିକ ମାମଲାରେ ଦୋଷୀ କିଭଳି ଦଣ୍ଡ ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଥାନାଧିକାରୀମାନଙ୍କୁ ଏସ୍‌ପି ପରାମର୍ଶ ଦେଇଛନ୍ତି । ମହିଳା ଓ ଶିଶୁ ସମ୍ପର୍କିତ ମାମଲାଗୁଡ଼ିକୁ ଅଗ୍ରାଧିକାର ଦେଇ ଯଥାଶୀଘ୍ର ସମାଧାନ କରିବାକୁ କୁହାଯାଇଥିଲା । ସହରର ବିଭିନ୍ନ ହୋଟେଲ, ଲଜ୍ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରିବା ସହ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ସେ କହିଛନ୍ତି । ସହରରେ ପୋଲିସ ଏବେ ହେଲମେଟ ଚେକିଂ ଦିଗରେ ଧିମେଇ ଯାଇଛି । ଆଗକୁ ଏହା କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି । ସପ୍ତାହରେ ଦିନେ ପ୍ରତି ଥାନା ପକ୍ଷରୁ ଜିରୋ ଟଲରାନ୍ସ ପାଳନ କରାଯିବ ବୋଲି ଏସ୍‌ପି କହିଛନ୍ତି । ଦୁର୍ଘଟଣା ରୋକିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦେଶକୁ ପାଳନ କରିବା ସହ ଯେପରି ଦୁର୍ଘଟଣା ସଂଖ୍ୟା କମିବ ସେଥିପ୍ରତି ଦୃଷ୍ଟି ଦେବାକୁ ଥାନାଧିକାରୀମାନଙ୍କୁ କୁହାଯାଇଛି। ଅନ୍ୟପଟେ ଟ୍ରାଫିକ ଉଲ୍ଲଂଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଏସପି କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଦିନରେ ଦୁର୍ଘଟଣା କମାଇବାକୁ ଉଦ୍ୟମ କରିବା ସହ ଟ୍ରାଫିକ ଉଲ୍ଲଂଘନକାରୀଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ । ସହରସାରା ଗାଡ଼ି ମଟର ଯାଞ୍ଚ ହେବ । ଯେଉଁମାନେ ନିୟମ ଉଲ୍ଲଂଘନ କରିଥିବେ ସେମାନଙ୍କଠାରୁ ଜରିମାନା ଆଦାୟ ହେବ । ସହରର ସବୁ ଥାନାରେ ଏହି ଅଭିଯାନ କରାଯିବ ବୋଲି ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଓ ମାୟାଧର ସେଠୀଙ୍କ ସମେତ ସମସ୍ତ ଥାନାଧିକାରୀମାନେ ଉପସ୍ଥିତ ଥିଲେ।

# ଗାତ ଖୋଳାରେ ସୀମିତ ବାଲିସାହି କମ୍ୟୁନିଟି ହଲ



କମ୍ୟୁନିଟି ହଲ ପାଇଁ ଖୋଳା ଯାଇଥିବା ଗର୍ତ୍ତ।

ଗଞ୍ଜାମ,୭।୬(ଡି.ଏନ.ଏ.)

ଗଞ୍ଜାମ ସହରର ୱାର୍ଡ ନଂ.୭ ବାଲିସାହିରେ ନିର୍ମାଣ ହେଉଥିବା କମ୍ୟୁନିଟି ହଲ ଅଧାପନ୍ତରିଆ ଭାବେ ପଡି ରହିଛି। ଏନଏସି ପକ୍ଷରୁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ କାମ ୨ମାସ ତଳୁ ଆରମ୍ଭ ହୋଇଥିଲା । ମାତ୍ର ପିଲାର ପାଇଁ କେବଳ ଗାତ ଖୋଳି ଛାଡି ଦିଆଯାଇଛି। ଯେଉଁଥିରେ ଗୃହପାଳିତ ପଶୁ ଖସିପଡି ଆହତ ହେଉଛନ୍ତି।
ଉକ୍ତ ଗାତରେ ଗତ ୫ ତାରିଖ ବୁଧବାର ଗୋଟିଏ ମଇଁଷି ଛୁଆ ଗଳି ପଡି ଆହତ ହୋଇଥିବା କହିଛନ୍ତି ସାହିର ବଂଶୀଧର ନାୟକ। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ଟୁଡୁଙ୍କୁ ପଚାରିବାରୁ ଠିକାଦାରଙ୍କ ସହ ଉକ୍ତ ବିଷୟରେ କଥାବାର୍ତ୍ତା ସରିଛି। ଦିନେ କିମ୍ବା ୨ଦିନ ପରେ କାମ ଆରମ୍ଭ କରିବେ ବୋଲି ସେ କହିଛନ୍ତି। ଏଥିରେ ଖିଲାପ ହେଲେ ଠିକାଦାରଙ୍କୁ ନୋଟିସ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଟୁଡୁ କହିଥିଲେ। ଏନେଇ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ଜେନାଙ୍କୁ ପଚାରିବାରୁ, ଗାତ ଖୋଳିବା ପରେ ପାଣି ବାହାରିବାରୁ କାମ ବନ୍ଦ ହୋଇଥିଲା। ଦିନେ ଦୁଇଦିନ ମଧ୍ୟରେ କାମ ଆରମ୍ଭ ହେବ । ଅନ୍ୟପଟେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାମ ସାରିବାକୁ ସାହିବାସିନ୍ଦା ଦାବି କରିଛନ୍ତି।

# ପଟ୍ଟା ନ ପାଇ ଆର୍‌ଆଇଙ୍କୁ ଘେରିଲେ ଲୋକେ

ବ୍ରହ୍ମପୁର ଅଫିସ,୭।୬



ଆରଆଇଙ୍କୁ ଉତ୍ତ୍ୟକ୍ତ ଜନତା ଘେରାଉ କରି ରଖିଛନ୍ତି।

ପୋଲସରା ତହସିଲ ପାଣ୍ଡିରିପଦା ଗ୍ରାମପଞ୍ଚାୟତସ୍ଥିତ ରାଜସ୍ୱ କାର୍ଯ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବା ଲାଗି କିଛି ଟଙ୍କା ନେଇ ଆଉ ଦେଉ ନ ଥିବା ଅଭିଯୋଗରେ ରାଜସ୍ୱ ନିରୀକ୍ଷକ କବିରାଜ ଚିନ୍ନାରାଙ୍କୁ ଉତ୍ତ୍ୟକ୍ତ ଆଦିବାସୀ କାର୍ଯ୍ୟାଳୟରେ ଘେରାଉ ସହ ହୋହଲ୍ଲା କରିଥିଲେ। ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଜଙ୍ଗଲ ଜମି ପଟ୍ଟା ଦେବା ନାଁରେ ୨୦୦ରୁ ୫୦୦ ଟଙ୍କା ଲାଞ୍ଚ ନେଉଥିବା ଆଦିବାସୀମାନେ କହିଥିଲେ। ଆଦିବାସୀମାନଙ୍କୁ ପଟ୍ଟା ମିଳିବାରେ ବିଳମ୍ବ ହେତୁ ସମ୍ପୃକ୍ତ ଆରଆଇଙ୍କୁ ଘେରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆର୍‌ଆଇଙ୍କୁ ଲୋକମାନଙ୍କ କବଳରୁ ଉଦ୍ଧାର କରି ତହସିଲ କାର୍ଯ୍ୟାଳୟରେ ଛାଡିଥିଲେ। ଏନେଇ ଆରଆଇ ଚିନ୍ନାରାଙ୍କୁ ପଚାରିବାରୁ ସେ ଲାଞ୍ଚ ନେବା ଘଟଣାକୁ ଅସ୍ୱୀକାର କରିଥିଲେ। ଆଦିବାସୀମାନେ ପଟ୍ଟା ପାଇବାରେ ବିଳମ୍ବ ହେବାରୁ ଏଭଳି ହୋହଲ୍ଲା କରି ମିଥ୍ୟା ଅଭିଯୋଗ କରୁଛନ୍ତି ବୋଲି ସେ କହିଥିଲେ। ତହସିଲଦାର ଅଶୋକ କୁମାର ପ୍ରଧାନଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ପରେ ଜଣାପଡିବ ବୋଲି କହିଥିଲେ।

### ରାଳବରେ ପାନୀୟ ଜଳ ଯୋଗାଣ ଠପ୍

କନିଷି,୭।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ପଞ୍ଚାୟତ ରାଳବ ଗ୍ରାମକୁ ୨୦ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳକଷ୍ଟ ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଗ୍ରାମରେ ନଳକୂପରୁ ପାଣି ବାହାରୁ ନ ଥିବାବେଳେ ପୋଖରୀ ଶୁଖିଗଲାଣି। କେତେକ ମହିଳା, ପୁରୁଷମାନେ ଦୂର ଦୂରାନ୍ତକୁ ଯାଇ ନଳକୂପରୁ ପାଣି ବୋହି ଆଣୁଛନ୍ତି। ଏନେଇ ପ୍ରଶାସନ କିମ୍ବା ବ୍ଲକରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ରଙ୍ଗିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଣେଶ ପାତ୍ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଆଜକୁ ପ୍ରାୟ ୨୦ ଦିନ ହେଲା ମୋଟର ଅଚଳ ଯୋଗୁ ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏ ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କାହାର ନଜର ପଡୁନାହିଁ। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେଇ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏନେଇ ରଙ୍ଗିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଖାଡ଼ଙ୍ଗା ସହ ଯୋଗାଯୋଗ ବେଳେ ସେ କହିଥିଲେ କ'ଣ ହୋଇଛି ତାହାର ତୁରନ୍ତ ସମାଧାନ କରି ପାନୀୟ ଜଳ ବ୍ୟବସ୍ଥା କରାଯିବ।



ଅଚଳ ପାଣି ଟାଙ୍କି।

## ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା

# ହୀରାପଥରକୁ ନେଇ ଘଟିଛି ଗୁଳିକାଣ୍ଡ

ଚିକିଟି,୭।୬(ଡି.ଏନ.ଏ.)

**୨ ଅଟକ, ମୁଖ୍ୟ ଅଭିଯୁକ୍ତ ଫେରାର**

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ବୀରସିଂହଲକ୍ଷ୍ମୀନାରାୟଣପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ବ୍ୟବସାୟୀ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଗୁଳିମାଡ ଘଟଣାର ଗୁମର ଖୋଲୁଛି । ଏହି ଘଟଣା ହୀରା ପଥରକୁ ନେଇ କେତେକ ଅଜଣା ଦୁର୍ବୃତ୍ତ ଗୁଳିମାଡ କରିଥିବା ପୋଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଉକ୍ତ ଘଟଣାରେ ସୁବାସଙ୍କ ସମ୍ପର୍କୀୟ ପାତ୍ରପୁର ଏବଂ ମୈଶାନପୁର ଅଞ୍ଚଳର ୨ ଜଣଙ୍କୁ ପୋଲିସ ଅଟକ ରଖି ଜେରା କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି । ବର୍ତ୍ତମାନ ସୁବାସଙ୍କୁ ବ୍ରହ୍ମପୁର ବଡ ମେଡିକାଲରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏନେଇ କେ.ନୂଆଗାଁ ଥାନାରେ ନଂ. ୧୦୮/୧୯ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରହିଛି ।
ସୂଚନାଯୋଗ୍ୟ, ଏକ ବର୍ଷ ପୂର୍ବେ ସୁବାସଙ୍କୁ ଗ୍ରାମର ନଦୀ କୋଠାରୁ ହୀରାପଥର ମିଳିଥିଲା । ଉକ୍ତ ହୀରା ପଥର ବିକ୍ରି କରିବା ପାଇଁ ମୈଶାନପୁର ଓ ପାତ୍ରପୁର ଗ୍ରାମର ୨ଜଣ ସମ୍ପର୍କୀୟଙ୍କ ସହାୟତା ଲୋଡିଥିଲେ । ହୀରା ପଥରର ମୂଲ୍ୟ ଆକଳନ କରିବା ପାଇଁ ସୁବାସ ତାଙ୍କ ସମ୍ପର୍କୀୟଙ୍କ ସାଙ୍ଗରେ କିଛି ଦିନ ତଳେ ଭୁବନେଶ୍ୱରର ହୀରା ବ୍ୟବସାୟୀଙ୍କ ପାଖରେ ପହଞ୍ଚିଥିଲେ । ହୀରା ପଥରର ମୂଲ୍ୟ ଆକଳନ କରିବା ପରେ ସୁବାସ ତାକୁ ବିକ୍ରି କରିବା ପାଇଁ ବ୍ୟବସାୟୀଙ୍କ ସନ୍ଧାନ ଖୋଜିଥିଲେ । ଗୁରୁବାର ଅପରାହ୍ନରେ ବ୍ୟବସାୟୀ ବେଶରେ ତାଙ୍କ ସମ୍ପର୍କୀୟଙ୍କ ସହିତ କେତେକ ଅଜଣା ଦୁର୍ବୃତ୍ତ ୩ଟି ବାଇକ୍‌ରେ ୬ ଜଣ ଗ୍ରାମରେ ପହଞ୍ଚି ହୀରା ପଥର ଦେଖିବାକୁ ଚାହିଁଥିଲେ । ସେଥିମଧ୍ୟରୁ ୨ଜଣ ଦୁର୍ବୃତ୍ତ ଗ୍ରାମର ଶେଷ ମୁଣ୍ଡରେ ଥିବା ସାରୁବାଡରେ ଛକିଥିଲେ। ଅନ୍ୟ ଚାରିଜଣ ଦୁର୍ବୃତ୍ତ ଗ୍ରାମର ଥିବା ଶିବ ମନ୍ଦିର ନିକଟରେ ଜଗିଥିଲେ । ସୁବାସଙ୍କ ସମ୍ପର୍କୀୟ ଲୋକ ସାରୁବାଡ ନିକଟକୁ ହୀରାପଥର ଆଣିବା ପାଇଁ କହିଥିଲେ । ସୁବାସ ହୀରା ପଥର ଆଣିବା ପରେ କୌଣସି କାରଣରୁ ହୀରା ବିକ୍ରି କରିବା ପାଇଁ ମନା କରିଥିଲେ। ଛକି ରହିଥିବା ସାରୁବାଡରୁ ଅଜଣା ଦୁର୍ବୃତ୍ତ ସୁବାସଙ୍କ ପିଛା କରି ଗ୍ରାମର ଶିବ ମନ୍ଦିର ନିକଟରେ ଅତର୍କିତ ଭାବେ ମୁହଁକୁ ଗୁଳିମାଡ କରି ହୀରା ଛଡାଇ ନେଇ ଫେରାର ହୋଇଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି । ସମ୍ପର୍କୀୟ ୨ଜଣ ବାଇକ୍ ଯୋଗେ ଦ୍ରୁତଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଡି ଯାଇଥିଲେ । ଗ୍ରାମର କେତେକ ବ୍ୟକ୍ତି ତାଙ୍କୁ କାବୁ କରି ପୋଲିସରେ ଜିମା ଦେଇଥିଲେ । ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କାରେ ପୋଲିସ ସବିଶେଷ ସୂଚନା ଦେବାକୁ ମନା କରିଛି । ଏହି ଗୁଳିମାଡ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରକୁ ସଫଳତା

ବ୍ରହ୍ମପୁର ଅଫିସ,୭।୬

**ନିଟ୍ ପ୍ରବେଶିକା ପରୀକ୍ଷା**

ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଞ୍ଚାଳନ କରାଯାଇଥିବା 'ନିଟ୍- ୨୦୧୯' ୟୁଜି ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ ପାଇଛି। ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ମେଡ଼ିକାଲ୍ କୋଚିଂ ନେଉଥିବା ଛାତ୍ରୀଛାତ୍ରମାନେ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ସରକାରୀ ମେଡ଼ିକାଲ୍ କଲେଜରେ ନାମ ଲେଖାଇ ପାରିବେ। ଆନୁପାତିକ ଭାବେ ଏହି ଫଳାଫଳ ଦକ୍ଷିଣ ଓଡ଼ିଶା ପାଇଁ ଏକ ସର୍ବୋତ୍କୃଷ୍ଟ ଫଳାଫଳ ଅଟେ। ସଫଳତା ହାସଲ କରିଥିବା ଛଶତ୍ରୀଛାତ୍ରମାନେ ହେଲେ ଜ୍ୟୋର୍ତିମୟ ମିଶ୍ର(୬୬୩ ମାର୍କ), ରୁତଶ ହରିଚନ୍ଦନ(୬୪୩), ଆୟୁଷ କୁମାର ଦାଶ(୬୩୯), ପ୍ରିୟଞ୍ଜିତ ପରିଡ଼ା(୬୩୪), ଧୀରେନ୍ କୁମାର ପ୍ରଧାନ(୬୨୨), କ୍ଷଣପ୍ରଭା ପଣ୍ଡା (୬୦୮), ଶ୍ରୀଧର ସାହୁ(୬୦୫), ଜଗନ୍‌କୁମାର ମିଶ୍ର(୬୦୦), ପ୍ରିୟେଶ୍ୱତା ମହାରଣା(୫୯୬), ସୋନିଆ ସାହୁ (୫୭୯), ତେଜସ୍ୱୀ ତନ୍ମୟ ମିଶ୍ର(୫୭୭), ବିଶ୍ୱବିକାଶ ବିଶ୍ୱାଳ(୫୭୬), ସୁଚିସ୍ମିତା ଚିନାରା(୫୭୫), ସ୍ନିଗ୍ଧାରାଣୀ ପଣ୍ଡା(୫୬୯), ଦିବ୍ୟାଶ୍ରୀ ପଣ୍ଡା(୫୬୯), ସନ୍ଦୀପ ପଣ୍ଡା(୫୬୭), ନୀଳମାଧବ ରଥ(୫୬୧), ମଳୟ ରଞ୍ଜନ ଦାଶ(୫୬୦), ଶୁଭମ୍ ରଥ(୫୬୦), ସିଦ୍ଧାର୍ଥ ଶଙ୍କର ଦାଶ(୫୫୫), ଶ୍ରୀଧର ପଣ୍ଡା(୫୫୩), ଉମାକାନ୍ତ ପ୍ରଧାନ(୫୫୨), ବିସ୍ମୃତି ମହାନ୍ତ(୫୫୦), ଜଗନ କୁମାର ପାଢ଼ୀ(୫୪୮), ନିକେଶ କୁମାର ବିଷୋୟୀ(୫୪୬), ମନିଶ କୁମାର ପ୍ରଧାନ(୫୪୨), କେସାଇକିରନ୍(୫୪୧), ଅବିନାଶ ବେହେରୁକ୍(୫୪୧), ବିଭୁ ରଞ୍ଜନ ସ୍ୱାଇଁ(୫୩୭), ଲୁସି ନାୟକ(୫୩୫), କଳ୍ପତରୁ ପାଣିଗ୍ରାହୀ(୫୩୩), ଡି.ଶୈଳଜା(୫୨୭), ଏମ୍ ଶ୍ରୁତି ସାଗରିକା ରାଓ(୫୨୬), ବରୁନ୍ କୁମାର ବେହେରା(୫୨୦) ଏବଂ ଶ୍ରେୟାଶୀ(୫୧୮) । ପ୍ରକାଶଯେ, ଏହି ଅନୁଷ୍ଠାନରୁ 'ନିଟ୍-୨୦୧୯' ରେ ସାଧାରଣ ବର୍ଗରେ ୬୦୦ ମାର୍କରୁ ଊର୍ଦ୍ଧ୍ୱ ୮ ଜଣ, ୫୦୦ ମାର୍କରୁ ଊର୍ଦ୍ଧ୍ୱ ୪୫ ଜଣ ଏବଂ ଅନୁସୂଚିତ ବର୍ଗରେ ୪୦୦ ମାର୍କରୁ ଊର୍ଦ୍ଧ୍ୱ ୧୦ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କୋଚିଂ ଡିଭିଜନ୍‌ର ସର୍ବଭାରତୀୟସ୍ତରର ଅଭିଜ୍ଞ ଏବଂ ଉତ୍ସର୍ଗୀକୃତ ଶିକ୍ଷକମାନଙ୍କର ଶିକ୍ଷାଦାନ ପ୍ରଣାଳୀକୁ ଶ୍ରେୟ ଦିଆଯାଉଛି ।

# ସାମାଜିକ ନିରାପତ୍ତା ଯୋଜନା ସମ୍ପର୍କିତ ତାଲିମ

ଦିଗପହଣ୍ଡି,୭।୬(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଜାତୀୟ ସାମାଜିକ ନିରାପତ୍ତା ସମ୍ପର୍କିତ ବିଭିନ୍ନ ଯୋଜନାର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ପ୍ରଶାସନ ସାମାଜିକ ନିରାପତ୍ତା ବିଭାଗ ଆନୁକୂଲ୍ୟରେ ଦିଗପହଣ୍ଡି ଓ ସାନଖେମୁଣ୍ଡି ଉଭୟ ବ୍ଲକର ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ଯୋଜନା, ଜାତୀୟ ପରିବାର ମଙ୍ଗଳ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏସବୁ ଯୋଜନାର ପ୍ରକୃତ ହିତାଧିକାରୀ ଚୟନ କରାଯିବା ସହ ନିୟମାବଳୀ ସମ୍ପର୍କରେ ଉପସ୍ଥିତ କ୍ଷେତ୍ର କର୍ମଚାରୀ ଏବଂ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସଚେତନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ସମୀକ୍ଷକ ଡ଼. ରବୀନ୍ଦ୍ର ମଲାଣ, ବ୍ରହ୍ମପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲିକ, ଦିଗପହଣ୍ଡି ବ୍ଲକ ମୁଖ୍ୟ କିରାଣୀ ତ୍ରିନାଥ ଶବର, ଭାରପ୍ରାପ୍ତ ବ୍ଲକ ସାମାଜିକ ଅଧିକାରୀ କୁଶ ବେହେରା, ସମୀକ୍ଷକ ଶଙ୍କର ମିଶ୍ର, ସାନଖେମୁଣ୍ଡି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବି. ରବି କୁମାର, ସମୀକ୍ଷକ ବାବୁଲା ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।



ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ବ୍ରହ୍ମପୁର ସୌନ୍ଦର୍ଯ୍ୟକରଣରେ ବିଏମ୍‌ସିର ନୂଆ ପଦକ୍ଷେପ

# ଏଲ୍‌ଇଡି ଲାଇଟରେ ଝଲସିଲା କମାପଲ୍ଲୀ ଆରଓବି

ବ୍ରହ୍ମପୁର ଅଫିସ,୭।୬



ଡେକୋରେଟିଭ ଏଲଇଡି ଲାଇଟରେ ସଜାଯାଇଥିବା କମାପଲ୍ଲୀ ଆରଓବି।

**୧୫ ଦିନରେ ଆଉ ୩ ଆରଓବିରେ ଲାଗିବ ଲାଇଟ**

ବ୍ରହ୍ମପୁର ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧି ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଛି। ନିକଟରେ ସହରର ବିଭିନ୍ନ ଛକରେ ବିଭିନ୍ନ ପ୍ରକାରର ଫାଉଟେନ ନିର୍ମାଣ ସହ ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ତଥା ସ୍କ୍ରାପ ସାମଗ୍ରୀ ବିଭିନ୍ନ ପ୍ରକାର ମଡେଲକୁ ବିଏମ୍‌ସି ପକ୍ଷରୁ ସ୍ଥାପନ କରାଯାଇଛି। ଏବେ ସହରର ରେଲୱେ ଓଭରବ୍ରିଜ ଗୁଡିକର ସୌନ୍ଦର୍ଯ୍ୟକରଣ ଉପରେ ବିଏମ୍‌ସି ଗୁରୁତ୍ୱ ଦେଇଛି । ଆରଓବିଗୁଡିକୁ ଏବେ ଏଲଇଡି ଡେକୋରେଟିଭ ଲାଇଟରେ ସଜାଇବା କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମେ କମାପଲ୍ଲୀରେ ଏହି ଡେକୋରେଟିଭ ଲାଇଟ ଲଗାଯାଇଥିବା ବେଳେ ୧୫ ଦିନ ମଧ୍ୟ ଅନ୍ୟ ୩ ଆରଓବିରେ ମଧ୍ୟ କାର୍ଯ୍ୟ ଆରମ୍ଭ ହେବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧି ଓ ବିଦ୍ୟୁତ୍ ଶୁଳ୍କ ହ୍ରାସ କରିବା ଉଦ୍ଦେଶ୍ୟରେ ୨୦୧୭ରୁ ସହରର ସମସ୍ତ ବିଦ୍ୟୁତ୍ ଖୁଣ୍ଟର ପୁରୁଣା ଲାଇଟକୁ ବଦଳାଇ ଏଲଇଡି ଲାଇଟ ଲଗାଯାଇଥିଲା । ବର୍ଷକ ମଧ୍ୟରେ ସହରର ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଣା ଷ୍ଟ୍ରିଟ ଲାଇଟ ବଦଳାଇ ଏଲଇଡି ଲାଇଟ ଲଗାଯାଇଛି । ସହର ମଧ୍ୟରେ ଥିବା ରେଲୱେ ଓଭରବ୍ରିଜ(ଆରଓବି)ର ସୌନ୍ଦର୍ଯ୍ୟକରଣ ପାଇଁ ଏହାର କାନ୍ଥଗୁଡିକରେ ୱାଲ ପେଣ୍ଟିଂ କରାଯାଇଛି। ଏବେ ଏଲଇଡି ଲାଇଟଦ୍ୱାରା ଡେକୋରେଟ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଆରଓବିରେ ଲାଗିଥିବା ଷ୍ଟ୍ରିଟଲାଇଟ ଖୁଣ୍ଟକୁ ଡେକୋରେଟିଭ ଲାଇଟ ଦ୍ୱାରା ସଜାଇବା କାର୍ଯ୍ୟ ଆରମ୍ଭ ହୋଇଛି । ଏବେ ସୁଧା କମାପଲ୍ଲୀ ଆରଓବିର ସମସ୍ତ ଷ୍ଟ୍ରିଟଲାଇଟ ଖୁଣ୍ଟକୁ ରଙ୍ଗିନ ଏଲଇଡି ଡେକୋରେଟିଭ ଲାଇଟ ଦ୍ୱାରା ସଜାଯାଇଛି । ଏହି ଆରଓବିର ବିଦ୍ୟୁତ୍ ଖୁଣ୍ଟଗୁଡିକୁ ଜାତୀୟ ପତାକା ରଙ୍ଗର ଲାଇଟରେ ସଜାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ଗୋପାଳପୁର ଜଙ୍କସନ, ଗୁଡସସେଡ ରୋଡ, ହଳଦିଆପଦର ଆରଓବିରେ ଲାଗିଥିବା ଷ୍ଟ୍ରିଟଲାଇଟ ଖୁଣ୍ଟକୁ ଏଲଇଡି ରଙ୍ଗିନ ଲାଇଟ ଦ୍ୱାରା ଡେକୋରେଟିଭ କରାଯିବା ନେଇ ବିଏମ୍‌ସି ସହକାରୀ ନିର୍ବାହୀଯନ୍ତ୍ରୀ ସୁକାନ୍ତ ସାବତ ସୂଚାଇଛନ୍ତି। ସୂଚନାଯୋଗ୍ୟ, ସହରର ସୌନ୍ଦର୍ଯ୍ୟକରଣ ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନେଇ ଏନ୍‌ଏଚକୁ ସଂଯୋଗ କରିଥିବା ତଥା ସହର ମଧ୍ୟରେ ଥିବା ୪ ଆରଓବିକୁ ଏଲଇଡି ଲାଇଟ ଦ୍ୱାରା ଡେକୋରେଟିଭ କରାଯିବାକୁ ଯୋଜନା ହୋଇଥିଲା । ଏନେଇ ଜାନୁୟାରୀ ମାସରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। ଗୋଷାଣୀନୂଆଗାଁ ଗୁଡସସେଡରୋଡ, ଗୋପାଳପୁର ଜଙ୍କସନ, ହଳଦିଆପଦର, କମାପଲ୍ଲୀ ଆରଓବିରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରାୟ ଏକ କୋଟି ଟଙ୍କା ବ୍ୟୟ ହେବାକୁ ଥିବା ଏହି ଯୋଜନାରେ ସମସ୍ତ ଆରଓବିର ଷ୍ଟ୍ରିଟଲାଇଟର ଖୁଣ୍ଟଗୁଡିକୁ ଡେକୋରେଟିଭ ଏଲଇଡି ରୋଲିଂ ଲାଇଟ, ଆରଓବିର ବାହାର ଓ ଭିତର ପାର୍ଶ୍ୱର କାନ୍ଥରେ ବିଭିନ୍ନ ରଙ୍ଗର ଏଲଇଡି ସ୍ପଟ ଲାଇଟ ଲଗାଯିବାକୁ ଯୋଜନା ରହିଛି ।

## ସଂକ୍ଷେପରେ

### ଜେଲ୍‌ରୁ ଖଲାସ ହେଲେ ମହିଳା

ରାଇରଙ୍ଗପୁର,୭।୬(ଡି.ଏନ୍.ଏ.): ଦେଶବ୍ୟାପୀ ମହାତ୍ମା ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ସ୍ଥାନୀୟ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଜେଲ୍‌ର ଜଣେ ମହିଳା ଅପରାଧୀଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସବ୍‌ଜେଲ୍ କର୍ତ୍ତୃପକ୍ଷ ଖଲାସ କରିଛନ୍ତି। ମହିଳା ଅପରାଧୀ ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ରାଣୀ ମାଝୀ(୩୨)। ରାଣୀ ଖଲାସ ହେବା ବେଳେ ସବ୍‌ଜେଲ୍ ସୁପରିଟେଣ୍ଡେଣ୍ଟ ମଦନମୋହନ ମାଝୀ, ସହକାରୀ ଜେଲ୍‌ର କାଳନ୍ଦୀଚରଣ ନାୟକ, ଫାର୍ମାସିଷ୍ଟ ବୀରେନ୍ଦ୍ର କୁମାର ନାୟକ, ମହିଳା ୱାର୍ଡର ଗାୟତ୍ରୀ ଗିରି ଏବଂ ଫୁଲମଣି ହେମ୍ବ୍ରମ୍, ଆଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସବ୍‌ଜେଲ୍ ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ମହିଳା ୱାର୍ଡର ଗାୟତ୍ରୀ ଗିରି ଏବଂ ଫୁଲମଣି ହେମ୍ବ୍ରମ୍ ପ୍ରମୁଖଙ୍କ ସହାୟତାରେ ଖଲାସ ହୋଇଥିବା ରାଣୀଙ୍କୁ ବଳଭଦ୍ରପୁର ଗ୍ରାମସ୍ଥିତ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ବଳଭଦ୍ରପୁର ଗ୍ରାମର ଜଣେ ଯୁବକ ବାରଦର ମାଝୀଙ୍କ ହତ୍ୟା ମାମଲାରେ ପୋଲିସ ତାଙ୍କ ପତ୍ନୀ ରାଣୀଙ୍କୁ ଗତ ୨୦୧୫ ଜୁନ୍ ୨୯ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ହତ୍ୟା ମାମଲାର ବିଚାର କରି ସ୍ଥାନୀୟ ଅତିରିକ୍ତ ଜିଲା ଦୌରାଜଜ୍ ବିଜୟ କୁମାର ଜେନା ଗତ ୨୦୧୬ ନଭେମ୍ବର ୩୦ ତାରିଖରେ ରାଣୀଙ୍କୁ ୫ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

### ବାଇକ ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

ବଡ଼ସାହି, ୭।୬(ସ୍ୱ.ପ୍ର)/ ବେତନଟୀ(ଡି.ଏନ.ଏ)-ମୟୂରଭଞ୍ଜ ଜିଲା ବଡ଼ସାହି-ବେତନଟୀ ରାସ୍ତାର ବାଘମରାଠାରେ ଶୁକ୍ରବାର ଦୁଇ ବାଇକ ମୁହାଁମୁହିଁ ହେବାରୁ ଜଣକର ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ଅବସ୍ଥାରେ ବାରିପଦା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ମୃତକ ଜଣକ ହେଲେ ବିଦାଖୁଣ୍ଟା ଗ୍ରାମର ତପନ ମହାନ୍ତ(୪୦) ଓ ଗୁରୁତର ବେତନଟୀ ଥାନା ତୁଳସୀ ଚଉରା ଅଞ୍ଚଳର ବାହାଦୁର ସିଂ(୫୦)। ବାଇକ ଦୁଇଟି ଉଭୟ ପଟୁ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ବଡ଼ସାହି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇବା ସହ ବାଇକ ଦୁଇଟିକୁ ଜବତ କରିଛି ।

### ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ବଡ଼ସାହି,୭।୬(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଜୁଣପଦା ଗ୍ରାମର ଜଣେ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଶୁକ ନାଏକ(୫୨)। ପରିବାର ଲୋକଙ୍କ କହିବାନୁଯାୟୀ, ଶୁକ ଗୁରୁବାର ରାତିରେ ଖାଇପିଇ ଶୋଇଥିଲେ । ସକାଳୁ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ କବାଟ ଖୋଲି ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର କହିଛନ୍ତି।

### ହିଙ୍ଗୁଳାଙ୍କ ପୀଠରେ ଶିବ ବିବାହ ଉତ୍ସବ

ବଡ଼ସାହି,୭।୬(ସ୍ୱ.ପ୍ର)- ପବିତ୍ର ଶୀତଳଷଷ୍ଠୀ ଅବସରରେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମା'ହିଙ୍ଗୁଳା ମନ୍ଦିର ପରିସରରେ ଶିବ ବିବାହ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଭୀମେଶ୍ୱର ମହାଦେବଙ୍କ ସହିତ ମା'ହିଙ୍ଗୁଳାଙ୍କ ଶୁଭ ବିବାହ ଉତ୍ସବରେ କନ୍ୟାକର୍ତ୍ତା ଭାବେ ଉଦଳାର ପ୍ରକାଶ ଚନ୍ଦ୍ର ଦାଶ ଓ ତାଙ୍କ ଧର୍ମପତ୍ନୀ ଭାରତୀ ଦେବୀ ଥିବା ବେଳେ ବରକର୍ତ୍ତା ଭାବେ ବାରିପଦାସ୍ଥିତ ତୁଳସୀଚଉରାର ବିବେକାନନ୍ଦ ନାୟକଙ୍କ ସହ ଧର୍ମପତ୍ନୀ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ । ବାଜାବାଣ ରୋଷଣୀ ସହିତ ମହାଦେବଙ୍କ ବରାନୁଗମନ ଶୋଭାଯାତ୍ରାରେ ବହୁ ଭକ୍ତ ସାମିଲ ହୋଇଥିଲେ । ବୈଦିକ ରୀତିନୀତିରେ ମହାଦେବଙ୍କ ଚଳନ୍ତି ପ୍ରତିମା ଓ ମା'ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମାଙ୍କ ବିବାହ ସମ୍ପନ୍ନ ହୋଇଛି । ଏହି ଉତ୍ସବରେ ବଡ଼ସାହି ବିଧାୟକ ସନାତନ ବିଜୁଳୀଙ୍କ ସମେତ ଶତାଧିକ ଭକ୍ତ ଉପସ୍ଥିତ ଥିଲେ। ପୂଜକ ଭାବେ ବୈଦ୍ୟନାଥ ଦାଶ, ନିରଞ୍ଜନ ଆଚାର୍ଯ୍ୟ ଓ ପ୍ରେମାନନ୍ଦ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମା'ହିଙ୍ଗୁଳାଙ୍କ ଶୃଙ୍ଗାର ବେଶ ସନତ କୁମାର ଦାଶ ଓ ଦିଲ୍ଲିପ କୁମାର ଦାଶ ସମ୍ପନ୍ନ କରିଥିଲେ ।

■ ନାବାଳିକା ମା' ହେବା ଘଟଣା

# ନ୍ୟାୟ ପାଇଁ ପ୍ରେମିକଙ୍କ ମା'ଙ୍କୁ ବାନ୍ଧିଲା ମହିଳା ସଂଘ


ପୋଲିସ ଗାଡ଼ିକୁ ମହିଳା ଗୋଷ୍ଠୀ ଅଟକାଇଛନ୍ତି।

ଖଲ୍ଲିକୋଟ,୭।୬(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅଞ୍ଚଳର ଜଣେ ୧୭ ବର୍ଷିୟା ନାବାଳିକା ମା' ହେବା ଘଟଣାରେ ନ୍ୟାୟ ପାଇଁ ମହିଳା ସଂଘ ଅଣ୍ଟା ଭିଡିଛନ୍ତି। ନାବଳିକା ମା' ହେବା ଘଟଣା ନେଇ ଖଲ୍ଲିକୋଟ ଥାନାରେ ପୂର୍ବରୁ ଏତଲା ହୋଇଥିଲା। ପୋଲିସ ମକଦ୍ଦମା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ଚଢ଼ାଉ ଜାରି ରଖିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ପରିବାର ଲୋକେ ନୀରବ ରହୁଥିବାରୁ ନାବାଳିକାଙ୍କୁ ନ୍ୟାୟ ପାଇଁ ଗ୍ରାମର ୧୨ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମଙ୍ଗଳବାର ଗ୍ରାମରେ ବୈଠକ କରିଥିଲେ। ନ୍ୟାୟ ନ ମିଳିଲେ ଆନ୍ଦୋଳନ କରିବେ ବୋଲି ଶୁଣାଇ ଦେଇଥିଲେ। ଗୁରୁବାର ରାତ୍ରରେ ପ୍ରତାରକ ପ୍ରେମିକର ମା'ଙ୍କୁ ଘରୁ ଡ଼ାକି ପୁଅକୁ ଡକାଅ କହି ଗାଁ ମଝିରେ ବାନ୍ଧି ରଖିଥିଲେ । ଖବରପାଇ ଖଲ୍ଲିକୋଟ ପୋଲିସ ପହଞ୍ଚି ଉକ୍ତ ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇଥିଲା। ମହିଳା ଗୋଷ୍ଠୀ ପୋଲିସ ଗାଡ଼ିକୁ ଅଟକାଇ

**ଉଦ୍ଧାର କଲା ପୋଲିସ**

ରାତିସାରା ରଖିଥିଲେ। ଶୁକ୍ରବାର ସକାଳେ ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାସ, ଖଲ୍ଲିକୋଟ ଆଇଆଇସି ସୁନୀଲ କୁମାର ବେହେରା ଓ ଅନ୍ୟ ପୋଲିସ କର୍ମଚାରୀ ଗ୍ରାମରେ ପହଞ୍ଚି ବୁଝାଶୁଝା କରି ଅଭିଯୁକ୍ତଙ୍କ ମା'ଙ୍କୁ ଉଦ୍ଧାର କରିଥିଲେ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅଭିଯୁକ୍ତ ଗିରଫ ନ ହେଲେ ଏବଂ ନାବାଳିକାଙ୍କୁ ନ୍ୟାୟ ନ ମିଳିଲେ ଆନ୍ଦୋଳନ ହେବ ବୋଲି ମହିଳା ଗୋଷ୍ଠୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ବିବାହ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଶାରିରୀକ ସମ୍ପର୍କ ରଖିବାରୁ ନାବାଳିକା ଜଣଙ୍କ ଅନ୍ତସତ୍ତ୍ୱା ହୋଇଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗତ ୩୧ ତାରିଖରେ ନାବାଳିକା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି।

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ


ମଞ୍ଚାସୀନ ଅଧିକାରୀ ।

ଗଞ୍ଜାମ,୭।୬(ଡି.ଏନ.ଏ.)

ଗଞ୍ଜାମ ଏନଏସି ସଭାଗୃହରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନଏସି କର୍ମଚାରୀ ବିପିନ ଚନ୍ଦ୍ର ବାରିକି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଗୁଡୁ, ସାନିଟେସନ ଏକ୍ସପୋର୍ଟ ଅଧିକାରୀ ରଶ୍ମି ରଞ୍ଜନ ବେହେରା, ଜିଲା ସଂଯୋଜକ ସୌମ୍ୟରଞ୍ଜନ ସାହୁ, ଗ୍ରାସୀମ କମ୍ପାନୀ ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ରବୀନ୍ଦ୍ର କୁମାର ମହାନ୍ତି, ସାମାଜିକ କର୍ମୀ ଲିଙ୍ଗରାଜ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଏନଏସିର ଅସ୍ଥାୟୀ ସୁଇପର ଏବଂ ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ନିମନ୍ତେ କେଉଁ ଡଷ୍ଟବିନ ବ୍ୟବହାର କରିବେ ତାହା ପ୍ରଶିକ୍ଷଣ ଦିଆଯାଇଥିଲା। ଆସନ୍ତା ୧୭ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା ଶିବିର ଅନୁଷ୍ଠିତ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଡୁ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ବିଶ୍ୱ ରଞ୍ଜନ ଜେନା, ବିଷ୍ଣୁ ଦଳାଇ, ଟିଟୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ବାଣୀମନ୍ଦିରର ପ୍ରତିଷ୍ଠା ଉତ୍ସବରେ ମହାଯଜ୍ଞ


ମହାଯଜ୍ଞରେ ଉପସ୍ଥିତ ଅଭିଭାବକ ଓ ଛାତ୍ରୀଛାତ୍ର ।

ବଡ଼ସାହି,୭।୬(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ବାଣୀପୀଠ ଦ୍ୱାରା ପ୍ରତିଷ୍ଠା ହୋଇଥିବା 'ବାଣୀମନ୍ଦିର'ର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠାନର ପ୍ରତିଷ୍ଠାତା ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଘଟ ଉତ୍ତୋଳନ ପରେ ବୃକ୍ଷପୂଜନ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗ ଦେଇ ବୃକ୍ଷରୋପଣ କରିବା ସହ ବୃକ୍ଷର ଯତ୍ନ ନେବାକୁ ଶପଥ ନେଇଥିଲେ। ବାରିପଦା ଗାୟତ୍ରୀ ପରିବାର ତରଫରୁ ମହାଯଜ୍ଞ ପରିଚାଳନା କରାଯାଇଥିଲା। ମୁଖ୍ୟ ଦେବଦମ୍ପତି ଭାବେ ଡମ୍ବରୁଧର ରାଉତ ଓ ସୂର୍ଯ୍ୟକାନ୍ତି ପୁହାଣ ଏବଂ ଅନ୍ୟତମ ଦେବଦମ୍ପତି ଭାବେ ଯୋଗେଶ୍ୱର ସାହୁ ଓ ଲିପିକା ସାହୁ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଓ ମିନତୀ ଭଞ୍ଜବାବୁ, ଶିବଶଙ୍କର ଭୂୟାଁ ଓ ମିନତୀ ଭୂୟାଁ, ରଞ୍ଜନ କୁମାର ଜେନା ଓ ମିଲି ଜେନା ଯୋଗଦାନ କରି କାର୍ଯ୍ୟ ସମ୍ପାଦନ କରିଥିଲେ।

## ଶୀତଳଷଷ୍ଠୀ ଓ ଶିବ ବିବାହ

କପ୍ତିପଦା,୭।୬(ଡି.ଏନ.ଏ)

କପ୍ତିପଦା ବ୍ଲକ୍ ଅଧୀନ ନୁଦୁଡିହା ଶିବ ମନ୍ଦିରଠାରେ ଶିବ ବିବାହ ଓ ଶୀତଳଷଷ୍ଠୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବରପକ୍ଷରୁ ଅନ୍ତର୍ଯାମୀ ମହାନ୍ତି, ସରୋଜିନୀ ମହାନ୍ତି ଓ କନ୍ୟା ପକ୍ଷରୁ ବିଚିତ୍ରା ନନ୍ଦ ମହାନ୍ତି ଓ କ୍ଷଣପ୍ରଭା ମହାନ୍ତି ନିଜ ନିଜର ଦାୟିତ୍ୱ ନିର୍ବାହ କରିଥିଲେ । ମୁଖ୍ୟ ପୁରୋଧା ଭାବେ ଉମାକାନ୍ତ ସୁବେଦି ମହାପାତ୍ର, ପୁରୋହିତ ଭାବେ କାର୍ତ୍ତିକେଶ୍ୱର ପଣ୍ଡା ଯଜ୍ଞ ଓ ପୂଜା କାର୍ଯ୍ୟ ସମାପନ କରିଥିଲେ। ବରଯାତ୍ରୀ ଦଳ ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତଜନଙ୍କ ମେଳରେ ବାଜା, ରୋଶଣି ସହ ପିଙ୍ଗୁ ଓ ନୁଦୁଡିହା ଗ୍ରାମ ପରିକ୍ରମା କରିଥିଲେ । ରବି ନାରାୟଣ ନାୟକ, ରାଜୀବ କୁମାର ଦାସ, ସନ୍ତୋଷ କୁମାର ଜେନା, ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଶେଷରେ ବରଯାତ୍ରୀ ଓ ଉପସ୍ଥିତ ଭକ୍ତଜନ ପ୍ରସାଦ ସେବନ କରିଥିଲେ ।

# ୩ ଟ୍ରକ ଲୁଟେରା ଗିରଫ


ଗିରଫ ହୋଇଥିବା ଲୁଟେରା ।

ରାଇରଙ୍ଗପୁର,୭।୬ (ଡି.ଏନ୍.ଏ.):

ରାଇରଙ୍ଗପୁର ସହରାଞ୍ଚଳସ୍ଥିତ ମୁର୍ମୁ ଛକ ନିକଟ ୨୨୦ ନଂ ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ପାଟ୍ରୋଲିଂ ବେଳେ ପୋଲିସ ଲୁଟ୍ ହୋଇଥିବା ଏକ ପାନମସଲା ବୋଝେଇ ଟ୍ରକ୍ (ନଂ. ଓଡି୧୫ଏଲ୍୭୨୮୩) ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ଯାମସେଦପୁରର ସେକ୍ ଇବ୍ରାଲ (୨୫), ମହମ୍ମଦ ଇକ୍‌ବାଲ (୨୫) ଏବଂ ସେକ୍ ଯୁହାଇଦ୍ ରାଜାଖାନ(୨୬)। ସେମାନଙ୍କଠାରୁ ପୋଲିସ ଏକ ପଲ୍‌ସର ବାଇକ୍ ମଧ୍ୟ ଜବତ କରିଛି।

ସମ୍ବଲପୁର ଅଞ୍ଚଳରୁ ଏକ ପାନମସଲା ବୋଝେଇ ଟ୍ରକ୍ ଟାଟାନଗର ଯାଉଥିବା ବେଳେ ବାଦାମପାହାଡ଼ ଥାନା ନିକଟବର୍ତ୍ତୀ ମାଛକନ୍ଦଣା ଘାଟୀ ୨୨୦ନଂ. ଜାତୀୟ ରାଜପଥ ରାସ୍ତାରେ ଗୁରୁବାର ଅପରାହ୍ନରେ ଟ୍ରକ୍‌କୁ ଅଟକାଇ ଲୁଟେରାମାନେ ଟ୍ରକ୍ ଲୁଟ କରି ରାଇରଙ୍ଗପୁର ସହରାଞ୍ଚଳ ଜାତୀୟ ରାଜପଥ ରାସ୍ତାରେ ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାବୁଡ଼ରେ ପଡ଼ିଥିଲେ। ପୋଲିସ ଟ୍ରକ୍‌କୁ ଥାନାରେ ଅଟକ ରଖି ଚାଳକ ବିମଳେସ କୁମାରଙ୍କୁ ଜେରା କରୁଛି।

# ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ଘଟଣା, ମାମଲା ରୁଜୁ

କପ୍ତିପଦା,୭।୬(ଡି.ଏନ.ଏ)

କପ୍ତିପଦା ଥାନା ଅନ୍ତର୍ଗତ ବାଲେଶ୍ୱର ଗୋଲେଇ ଛକରେ ଥିବା ବିଦ୍ୟୁତ ଷ୍ଟକଚରରେ କାର୍ଯ୍ୟରତ ୩ ଜଣ କର୍ମଚାରୀଙ୍କୁ ଗାଳିଗୁଲଜ ସହିତ ମାରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବିଦ୍ୟୁତ ବିଭାଗ କର୍ମଚାରୀ ସାନସିମୁଳିଆ ଗ୍ରାମର ଜୟ ନାରାୟଣ ପରିଡାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା( ନଂ. ୬୯/୧୯)ରୁଜୁ କରି ତଦନ୍ତ ଜାରି ରଖିଛି । ମଙ୍ଗଳବାର ରାତି ୮ଟାରେ ବାଲେଶ୍ୱର ଗୋଲେଇ ବିଦ୍ୟୁତ ଷ୍ଟକଚରରେ କର୍ମଚାରୀ ମାନସ କୁମାର ଜେନା ଓ ରତିକାନ୍ତ ପ୍ରଧାନ କାମ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର କୁନୁ ମୁର୍ମୁ ଓ ଚତୁର୍ଭୁଜ ନାଏକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଲୋକ ସେଠାରେ ପହଞ୍ଚି ତାଙ୍କ ଗ୍ରାମରେ କ'ଣ ପାଇଁ ଲାଇନ ନାହିଁ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଉକ୍ତ ଷ୍ଟକଚରରୁ ଯାଇଥିବା ସମସ୍ତ ଲାଇନକୁ ମଧ୍ୟ ସେମାନେ କାଟି ଦେଇଥିଲେ । ନିକଟରେ ଥିବା କର୍ମଚାରୀ ଜୟ ନାରାୟଣ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଡ ମରାଯିବା ସହ ତାଙ୍କ ନିକଟରେ ଥିବା ଏକ ରସିଦ ବହିକୁ ଅଭିଯୁକ୍ତମାନେ ଚିରି ଦେଇଥିବା ଅଭିଯୋଗ ହୋଇଛି।

# ଶିବପାର୍ବତୀଙ୍କ ବିବାହ ସରିଲା, ଅରୁଣ ସ୍ତମ୍ଭ ପ୍ରତିଷ୍ଠା

ଶେରଗଡ଼,୭।୬(ଡି.ଏନ୍.ଏ.)

ଶେରଗଡ଼ ନିକଟସ୍ଥ ହରିକୃଷ୍ଣପୁର ଗ୍ରାମରେ ଶୁକ୍ରବାର ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି। ଗ୍ରାମବାସୀ ଶିବ ପାର୍ବତୀଙ୍କ ମୂର୍ତ୍ତିକୁ ଅସ୍ଥାୟୀ ମଣ୍ଡପର ବିରାଜମାନ କରାଯାଇଥିଲା। ପରେ ପାରମ୍ପରିକ ପୂଜାର୍ଚ୍ଚନା ସହ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟ ରାଜ ପୁରୋହିତ ରଜନୀକାନ୍ତ ତ୍ରିପାଠୀ ଓ ଶରତ ଚନ୍ଦ୍ର ମିଶ୍ରଙ୍କ ମନ୍ତ୍ର ପାଠ ସହ ଆରମ୍ଭ ହୋଇଥିଲା। ଟ୍ରଷ୍ଟି ବିପ୍ର ଚରଣ ମିଶ୍ର, କୃତିବାସ ଦାଶ, ଦିଲୀପ କୁମାର ତ୍ରିପାଠୀଙ୍କ ଉପସ୍ଥିତରେ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ଶିବପାର୍ବତୀଙ୍କୁ ବିମାନରେ ବସାଇ ଗ୍ରାମପରିକ୍ରମା କରାଯାଇଥିଲା। ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ଗ୍ରାମର ଗୋପୀନାଥ ଠାକୁରଙ୍କ ସମ୍ମୁଖରେ ଏକ ଅରୁଣ ସ୍ତମ୍ଭ ପ୍ରତିଷ୍ଠା କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସଭା

ବାରିପଦା ଅଫିସ,୭।୬

ବାରିପଦା ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଭବନ ପରିସରରେ ସ୍ୱାଧୀନତା ସଂଗ୍ରାମୀ ବିପ୍ଲବୀ ନେତା ସ୍ୱର୍ଗତ ପଦ୍ମଲୋଚନ ମହାନ୍ତଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। କୁଡୁମାଲୀ କଲଚୁରାଲ ଆସୋସିଏସନର ସଭାପତି ଡ.ହୃଦାନନ୍ଦ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ.ଜ୍ୟୋତିନ୍ଦ୍ରନାଥ ସିଂଦେବ, ମୁଖ୍ୟବକ୍ତା ଭାବେ କୁଡୁମୀ ମହାନ୍ତ ମହାସଭାର ମହାସଚିବ ବସନ୍ତ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ପଛୁଆବର୍ଗ ବିକାଶ ମଞ୍ଚର ସଭାପତି ମୋହନ ଚରଣ ମହାନ୍ତ, କୁଡୁମୀ ମହାନ୍ତ ମହାସଭାର ଜିଲା ସଭାପତି ଆଇନଜୀବୀ ପଦ୍ମଲୋଚନ ମହାନ୍ତ,କାର୍ଯ୍ୟକାରୀ ସଭାପତି ଇଂ ପ୍ରଦୀପ ଚନ୍ଦ୍ର ମହାନ୍ତ, ଆଦିମ କୁଡୁମୀ ମହାସଂଘର ସଭାପତି ପଦ୍ମଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତଙ୍କ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ସାମ୍ବାଦିକ ନିରଞ୍ଜନ ମହାନ୍ତ, ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତ, ଇଂ ଯୁଧିଷ୍ଠିର ମହାନ୍ତ, ସମାଜସେବୀ ପରମେଶ୍ୱର ମହାନ୍ତ, କୃପାସିନ୍ଧୁ ମହାନ୍ତ, ଖଗେନଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ। ଆସୋସିଏଶନର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗବେଷକ ଡ.ହରିହର ମହାନ୍ତ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

■ ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

# ୭ ବର୍ଷ ହେଲା ନିୟମିତ ଡାକ୍ତର ନାହାନ୍ତି

ବୈଶିଙ୍ଗା,୭।୬:

ପ୍ରଶାସନିକ ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁଁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ବେତନଟୀ ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତର ପ୍ରାୟ ୫୦ ହଜାର ଜନସାଧାରଣ ନିର୍ଭରଶୀଳ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ହେଲେ ଡାକ୍ତର ନାହାନ୍ତି। ବାରମ୍ବାର ଦାବି ପରେ ଡେପୁଟେଶନରେ ଜଣେ ଆୟୁଷ ଡାକ୍ତର ଓ ଜଣେ ଏଲୋପାଥିକ ଡାକ୍ତର ପାଳିକରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି । ୭ ବର୍ଷ ହେବ ଏଠାରେ କୌଣସି ନିୟମିତ ଡାକ୍ତର ନିଯୁକ୍ତି ପାଇନାହାନ୍ତି । ଆବଶ୍ୟକ ସଂଖ୍ୟକ ଶଯ୍ୟା ନଥିବା ବେଳେ ବର୍ହିବିଭାଗ ରୋଗୀ ସଂଖ୍ୟା ଦୈନିକ ୨ଶହ ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି। ଗତ ମାର୍ଚ୍ଚ ମାସ ପରିସଂଖ୍ୟାନରୁ ଜଣାଯାଏ ଯେ, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ପଞ୍ଜିକୃତ ରୋଗୀ ଶଯ୍ୟା ୩୯୦୦ ହୋଇଥିବା ସ୍ଥଳେ ବୈଶିଙ୍ଗା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସଂଖ୍ୟା ୪୧୦୦ରେ ପହଞ୍ଚିଥିଲା । ମୟୂରଭଞ୍ଜ ଜିଲାରେ ମୋଟ ୧୬ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ଥିବାସ୍ଥଳେ ତନ୍ମଧ୍ୟରୁ ୧୦ ସବସେଣ୍ଟର କେବଳ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବିଭିନ୍ନ ଗ୍ରାମ ପଞ୍ଚାୟତରେ ରହିଛି।



ବୈଶିଙ୍ଗା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର।

କୁକୁର ଓ ସାପକାମୁଡା ଇଞ୍ଜେକସନ ମିଳୁ ନ ଥିବା ବେଳେ ବଜ୍ରପାତରେ ଗୁରୁତର ରୋଗୀଙ୍କ ପାଇଁ ଜରୁରୀ ଚିକିତ୍ସା ସୁବିଧା ନାହିଁ । ନିକଟରେ ଯାଇଥିବା ୧୮ ନଂ. ଜାତୀୟ ରାଜପଥ ଦୁର୍ଘଟଣାରେ ଗୁରୁତର ଆହତଙ୍କ ନିମନ୍ତେ ଅପରେସନ ଥିଏଟର ନାହିଁ। ପାଥୋଲୋଜି ସେଣ୍ଟର ଖୋଲିଥିଲେ ମଧ୍ୟ ଆବଶ୍ୟକୀୟ ଯନ୍ତ୍ରପାତି ଉପଲବ୍ଧ ନାହିଁ। ପୂର୍ବତନ ଲୋକ ସଭା ଏମପି କାର୍ତ୍ତିକ ଚନ୍ଦ୍ର ମହାପାତ୍ରଙ୍କ ହାତପାଣ୍ଠି ପ୍ରଦତ୍ତ ମାରୁତି ଆମ୍ବୁଲାନ୍ସ ଚାଳକ ପଦବୀ ଦୀର୍ଘବର୍ଷ ଧରି ପୂରଣ କରା ନ ଯିବା ଯୋଗୁଁ ଆମ୍ବୁଲାନ୍ସଟି ଖତ ହେବାକୁ ବସିଲାଣି । ମାତ୍ର ଏବେ ଏହି ଚିକିତ୍ସାଳୟର ଜନୈକ କର୍ମଚାରୀ ନିଜର ଏକ ମାରୁତି ଆମ୍ବୁଲାନ୍ସ କିଣି ରୋଗୀ ନେବା ଆଣିବା କାର୍ଯ୍ୟରେ ନିୟୋଜିତ କରିଥିବା ଅଭିଯୋଗ ହେଉଛି। ଏହି ଡାକ୍ତରଖାନାର ସୁରକ୍ଷା ପାଇଁ ପାଚେରୀଟିଏ ମଧ୍ୟ ନାହିଁ । ଫଳରେ ରୋଗୀମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି ।

୨୦୧୮ ମସିହାରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଓ ବଡସାହି ବିଧାୟକ ଗଣେଶ୍ୱର ପାତ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା ବେଳେ ଅଞ୍ଚଳବାସୀ ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଡାକ୍ତରଖାନାରେ ଲାଗି ରହିଥିବା ସମସ୍ୟାଗୁଡିକ ଖୁବ୍ ଶୀଘ୍ର ସମାଧାନ ହେବ ବୋଲି ଉଭୟ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସୀ ସମସ୍ୟାର ସମାଧାନ ହୋଇପାରି ନାହିଁ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିଗିଡିବାରେ ଲାଗିଛି। ବିପଦରେ ପଡ଼ି ଏଠାକୁ ଧାଇଁ ଆସୁଥିବା ରୋଗୀମାନଙ୍କୁ ସୁଦୂର ବାରିପଦା କିମ୍ବା ବାଲେଶ୍ୱର ପଠାଇ ଦେବା ବ୍ୟତୀତ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନଥାଏ। ଯଥାଶୀଘ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଡାକ୍ତର ପ୍ରସନ୍ନ କୁମାର ପାତ୍ରଙ୍କୁ ପଚାରିବାରୁ ପ୍ରତିମାସ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଭାବ ଅସୁବିଧା ସମ୍ପର୍କରେ ଆମେ ଜଣାଉଛୁ। ସରକାରୀ ସହଯୋଗ ମିଳିଲେ ଡାକ୍ତରଖାନାର ଉନ୍ନତି ହୋଇ ପାରିବ ବୋଲି କହିଛନ୍ତି।

